# Akashvani, Sambalpur

## SAMBALPURI NEWS EVENING BULLETIN

## 11 September 2026-7.02- 7.12 pm.

---

୧- ଓଡ଼ିଶା ନ ଶିଳ୍ପର୍ ବିକାଶ୍ ଲାଗି ୟୁଏଇର ନିବେଶକ୍ ମାନ୍‌କୁ ସହଭାଗୀ ହେବାର୍‌କେ ନିଉତା ଦେଲେ ମୁଖ୍ୟମନ୍ତ୍ରୀ ।

୨- ନିର୍ଭୁଲ୍ ଭୋଟର୍ ତାଲିକା ତିଆର୍ ଲାଗି ସାରା ରାଏଜେ ଆଏବା ମାସ୍‌ନୁ ମୁଲ୍ ହେବା ସର୍ଭେ ।

୩- ସାରା ରାଏଜେ ଆଏବା କାଏଲ୍ ହେବା ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍‌ର ପ୍ରଭାବ୍‌ଥି ଭିନ୍ ଭିନ୍ ଜାଗା ନ ହେଇପାରେ ଚଡ଼କ୍ ମାରିକରି ଜବର୍ ବର୍ଷା ।

ମୁଖ୍ୟମନ୍ତ୍ରୀ -ୟୁଏଇ ଭୁବନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାର୍ ଶିଳ୍ପ ବିକାଶ୍‌ର ଆଏବା ଖେପେ ସଂଯୁକ୍ତ ଆରବ୍ ଏମିରେଟ୍ସ-ୟୁଏଇର ନିବେଶକ୍ ମାନ୍‌କୁ ସହଭାଗୀ ହେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଉତା ଦେଇଛନ୍ । ଦୁବାଇ ନ ଆୟୋଜିତ ଓଡ଼ିଶା ନିବେଶକ୍ ସମ୍ମିଳନୀଥି ପାଖାପାଖି ୪ ଶହ ବ୍ୟବସାୟୀ ନିବେଶକ୍ ଆଉ ୟୁଏଇ ବ୍ୟବସାୟିକ୍ ସମୁଦାୟର୍ ପ୍ରତିନିଧିମାନେ ଯୋଗ୍ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ରାଜ୍ୟର୍ ପ୍ରାକୃତିକ୍ ସମ୍ପଦ୍, ପ୍ରତିଯୋଗିତାମୂଳକ୍ ଶକ୍ତି, ବନ୍ଦର୍, ଶିଳ୍ପଭିତିଭୂମି, ଦକ୍ଷ ମାନବ୍ ସମ୍ବଲ୍ ଆଉ ନିବେଶ୍ ଅନୁକୂଲ୍ ପରିବେଶ୍‌କେ ନିବେଶକ୍ ମାନ୍‌କର୍ ସାମ୍ନା ନ ଉପସ୍ଥାପନ୍ କରିଥିଲେ । ସମ୍ମିଳନୀଥି ଏଲ୍.ଏନ୍.ଜି. ଷ୍ଟୋରେଜ୍, ସବୁଜ ଶକ୍ତି, କୃତ୍ରିମ ବୁଦ୍ଧିମତା, ଡାଟା ସେଂଟର୍, ବିରଳ ମୃତିକା, ଜାହାଜ୍ ମରାମତି, ସାର୍ ଆଉ ରସାୟନ୍ ଆଉ ଗୃହନିର୍ମାଣ୍ ବାଗିର୍ କ୍ଷେତ୍ରଥି ନିବେଶ୍ ସୁଯୋଗ୍ ଉପ୍‌ରେ ଆଲୋଚନା ହେଇଛେ । ଶିଳ୍ପ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ରାଜ୍ୟ ସର୍‌କାର୍‌ଙ୍କର୍ ତୁର୍‌ତି ନିଶ୍ଚିତତା ଆଉ କାର୍ଯ୍ୟାନ୍ୱୟନ୍ ବାବ୍‌ଦେ କହିଥିଲେ ।

(ଭଏସ୍ ଓଭର୍- ସମ୍ପଦ୍ ଚନ୍ଦ୍ର ସ୍ୱାଇଁ)

ଦୁବାଇ ରୋଡ୍ ସୋ ନ ଓଡ଼ିଶା ୟୁଏଇ ଆର୍ଥିକ୍ ସମ୍ପର୍କକେ ଆହୁରି ବର୍‌କସ୍ କର୍‌ବାର୍ ସହେତେ ରାଏଜେ ପୁଞ୍ଜି, ପ୍ରଯୁକ୍ତିଶିଳ୍ପ ଆଉ ନିଯୁକ୍ତି ତିଆର୍ ଲାଗି ନୂଆଁ ସୁଯୋଗ୍ ମିଲିଛେ ।

ଭୋଟର୍ ତାଲିକା ସଂଶୋଧନ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ପଂଚାୟତ୍ ଆଉ ପୌର ନିର୍ବାଚନକେ ସ୍ୱଚ୍ଛ, ନିର୍ଭୁଲ୍ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଲାଗି ରାଜ୍ୟନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଭୋଟର୍ ତାଲିକାଥି ଥିବା ଭୁଲ୍‌କେ ସୁଧ୍‌ରାବାର୍ ଲାଗି ଖାସ୍ ପାଇଲଟ୍ ସର୍ଭେ ଅଭିଯାନ୍ ମୁଲ୍ ହେଇଛେ । ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ବିଏମ୍‌ସି ଅଧୀନ୍ ନ ଥିବା ୩ ଟା ବିଧାନ୍‌ସଭା କ୍ଷେତ୍ର ନ ଗଲା ଗୁରୁବାର୍‌ଠାନୁ ମୁଲ୍ ହେଇଥିବା ସର୍ଭେ କାମ୍ ଆଏଜ୍ ଶେଷ୍ ହେଇଛେ । ଆଏବା ୨୩ ତାରିଖ୍‌ନୁ ଭୁବ୍‌ନେଶ୍ୱର୍ ରାଜ୍ୟ ସମ୍ମିଳନୀ କକ୍ଷ ନ ମାଷ୍ଟର୍ ଟ୍ରେନର୍ ମାନ୍‌କର୍ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ୍ ଶିବିର୍ ହେବା । ତାର୍ ଉତ୍‌ରୁ ଅକ୍ଟୋବର୍ ମାସର୍ ୨୬ ତାରିଖ୍‌ନୁ

ନଭେମ୍ବର୍ ୭ ତାରିଖ୍‌ତକ୍ ସାରା ରାଏଜେ ଇ ସର୍ଭେ କାମ୍ କରାଯିବା । ସର୍ଭେ କାମ୍‌ଥି ନିୟୋଜିତ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ସଠିକ୍ ତଥ୍ୟ ଦେଇକରି ପୁରା ସହଯୋଗ୍ କର୍‌ବାର୍‌କେ ନିର୍ବାଚନ୍ କମିଶନ୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଆର୍‌ଏନ୍‌ୟୁ ସମ୍ବଲପୁର/ବୌଦ୍ଧ

ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ୨୦୨୬ -୨୭ ଆର୍ଥିକ୍ ବଛର୍‌ର ୨ ନମ୍ବର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଟ୍ରେନ୍‌ର ଆଏଜ୍ ବ୍ରହ୍ମପୁର୍ ରେଲ୍‌ଷ୍ଟେସନ୍‌ନୁ ଶୁଭାରମ୍ଭ ହେଇଛେ । ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନା ଅଧୀନ୍‌ଥି ବ୍ରହ୍ମପୁର୍‌ନୁ ବାରାଣାସୀ-ଅଯୋଧ୍ୟାକେ ଯାତ୍ରା କରୁଥିବା ଇ ଟ୍ରେନ୍‌ର ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପଶୁସମ୍ପଦ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କର୍ ସହେତେ ସେନର୍ ଲୋକପ୍ରତିନିଧି ଆଉ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଯାତ୍ରାଥି ୫ ଟା ଜିଲ୍ଲା ବୌଦ୍ଧ, ଗଞ୍ଜାମ୍, ଗଜପତି, କନ୍ଧମାଲ୍, ଆଉ ନୟାଗଡ୍‌ର ୭ ଶହ ୭୫ ଝନ୍ ବରିଷ୍ଠ ନାଗରିକ୍ ସାମିଲ୍

ଅଛନ୍ । ସେମାନ୍କର୍ ସହେତେ ୨୫ ଝନ୍ ଅଧିକାରୀ ଭିଲ୍ ଯାତ୍ରା କରିଛନ୍ । ବୌଦ୍ଧ ଜିଲ୍ଲାର୍ ୫୫ ଝନ୍ ବରିଷ୍ଠ ନାଗରିକ୍ ରାଜ୍ୟ ସର୍କାର୍ଙ୍କର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା ଅଧୀନ୍ଥି ବାରାଣାସୀ-ଅଯୋଧ୍ୟା ତୀର୍ଥଯାତ୍ରାଥି ବାହାରିଛନ୍ । ୬୦ ନୁ ୭୫ ବଛର୍ ବୟେସ୍ ଭିତ୍ରେ ଥିବା ଇ ତୀର୍ଥଯାତ୍ରୀମାନେ ସର୍କାର୍ଙ୍କର୍ ପର୍ଯ୍ୟଟନ୍ ବିଭାଗ୍ ସହଯୋଗଥି ଟ୍ରେନ୍ଥି ବ୍ରହ୍ମପୁର୍ନୁ ତୀର୍ଥଯାତ୍ରା ମୁଲ୍ କରିଛନ୍ । ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆୟୋଜିତ୍ କାର୍ଯ୍ୟକ୍ରମ୍ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ୍ ବରିଷ୍ଠ ନାଗରିକ୍ ମାନ୍କର୍ ବ୍ରହ୍ମପୁର୍ ଯାତ୍ରାର୍ ଶୁଭାରମ୍ଭ କରିଛନ୍ ।

ଆମସାଥୀ ୱାଟ୍ସ୍ଅପ୍ ବଟ          ଆଇ.ଆଣ୍ଡ୍.ପି.ଆର୍

ପୁଲିସ୍ ତର୍ଫୁ ଦିଆଯାଉଥିବା ଭିନ୍ ଭିନ୍ ଜରୁରୀ ସେବା ପାଏବାର୍ ଲାଗି ଏତ୍କର ପୁଲିସ୍ ଥାନା କି ସମ୍ପୃକ୍ତ କାର୍ଯ୍ୟାଳୟକେ ଯିବାର୍ ଦର୍କାର୍ ନାଇଁ ପଡ଼େ । ପୁଲିସ୍ ସେବା ବ୍ୟବସ୍ଥାକେ

ଅଏତ୍କା ସରଲ୍, ଜଲ୍ଦି, ସ୍ୱଚ୍ଛ, ନାଗରିକ୍ କୈନ୍ଦ୍ରିକ୍ ଆଉ ତୁର୍ତି ସେବା ଯୁଗେଇ ଦେବାର୍କେ ଓଡ଼ିଶା ପୁଲିସ୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ। ଏତ୍କର ଘରେ ବସିକରି ଆମସାଥୀ ୱ୍ୱାଟ୍ସ୍ଅପ୍ ବଟ୍ ଜରିଏ ସାଧାରଣ୍ ଲୁକେ ୧୪ ଟା ପୁଲିସ୍ ନାଗରିକ୍ ସେବା ପାଇପାର୍ବେ। ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ୍ ମିଶ୍ର ଆଏଜ୍ ଭୁବ୍ନେଶ୍ୱର୍ ଡିଜିପି କେମ୍ପ୍ ଅଫିସ୍ ନ ଇ ସେବାର୍ ଶୁଭାରମ୍ଭ କରିଛନ୍। ଇନ ଜନେଇ ଦିଆଯାଇପାରେ ଯେ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲା ଡିସେମ୍ବର୍ ୨୫ ତାରିଖ୍ ସୁଶାସନ୍ ଦିବସ୍ ଅବ୍ସରେ ଆମ ସାଥୀ ହ୍ୱାଟ୍ସ୍ଅପ୍ବଟ୍ର ଶୁଭାରମ୍ଭ କରିଥିଲେ। ଇତାର୍ ଜରିଏ ଭିନ୍ ଭିନ୍ ସର୍କାରୀ ସେବା ଲୋକ୍ମାନ୍କର୍ ନିକେ ପହଁଚାବାର୍ ଲକ୍ଷ୍ୟ ରଖାଯାଇଛେ।

ଜ୍ଞାନୋଦୟ ହି.ସ.

ଜ୍ଞାନୋଦୟ କେଜି ନୁ ପିଜି ନିଃଶୁଳ୍କ ଯୋଜ୍ନା ଅଧୀନ୍ଥି ରାଜ୍ୟ ସର୍କାର୍ ପଦକ୍ଷେପ୍ ମୁଲ୍ କରିଛନ୍। ୨୦୨୬-୨୭ ଶିକ୍ଷା

ବଛ୍‌ରର୍ ପହେଲା ଖେପ୍ ୟୁଜି ନାଁଲେଖା ଉତ୍‌ରୁ ଯୋଗ୍ୟ ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କୁ ପହେଲା କିସ୍ତି ଦେବାର୍ ମୁଲ୍ ହେଇଛେ । ପହେଲା କିସ୍ତିର୍ ୧୦ ପ୍ରତିଶତ୍ ବାବଦ୍ ୯ କୋଟି ୫୬ ଲାଖ୍ ଟଙ୍କା ସିଧାସଲଖ୍ ଦିଆଯାଇଛେ । ଖୋବ୍ ଜଲ୍‌ଦି ୨ ନମ୍ବର୍ କିସ୍ତି ଦିଆଯିବା ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ ।

ରାଷ୍ଟ୍ରୀୟ ଲୋକ୍ ଅଦାଲତ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ସାରା ରାଏଜେ ୨୦୨୬ ବଛ୍‌ରର୍ ୩ ନମ୍ବର୍ ରାଷ୍ଟ୍ରୀୟ ଲୋକ୍ ଅଦାଲତ୍ ହେବା । ଜାତୀୟ ଆଇନ୍‌ସେବା ପ୍ରାଧିକରଣ୍‌ର ନିର୍ଦ୍ଦେଶ୍‌ଥି ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ୍ ଆଉ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ସବୁ ନ୍ୟାୟିକ ଆଉ ରାଜସ୍ୱ ଅଦାଲତ୍ ନ ଇଟା ହେବା । ସଖାଲର୍ ୧୦ ବଜୁ ମୁଲ୍ ହେଇକରି ସଞ୍ଝର୍ ୫ ବଜେତକ୍ ଚାଲ୍‌ବା । ଅଦାଲତ୍‌ଥି ଦେଓ୍ୱାନୀ ମାମ୍‌ଲା ରାଜସ୍ୱ ମାମ୍‌ଲା, ଆପୋଷ ଯୋଗ୍ୟ ଫୌଜଦାରୀ ମାମ୍‌ଲା, ବେଙ୍କ୍‌ରଣ, ଚେକ୍

ବାଉନ୍ସ, ପାରିବାରିକ୍ ବିବାଦ୍ ସହେତେ ବିଦ୍ଯୁତ୍, ପାଣି ବିଲ୍ ବାବଦ୍ ମାମ୍ଲାମାନ୍କର୍ ଶୁଣାଣି କରାଯିବା ।

ସପ୍ତପୁରୀ ଆମାବାସ୍ୟା          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଭୁଦୋ ମାସର୍ ଉଅାଁସ୍ ତିଥି ଅବ୍ସରେ ମହାପ୍ରଭୁ ଜଗନ୍ନାଥଙ୍କୁ ସପ୍ତପୁରୀ ଭୋଗ୍ ଲଗାଯାଇଛେ । ଇଥିର୍ଲାଗି ଆଏଜ୍ ଶ୍ରୀମନ୍ଦିର୍ ନ ଶ୍ରୀଜୀଉମାନ୍କର୍ ଖାସ୍ ନୀତିକାନ୍ତି କରାଯାଇଛେ । ସେବାୟତ୍ ମାନେ ତିଆର୍ କରିଥିବା ଗୁଟେ ବଡ଼ ସପ୍ତପୁରୀ ମାହାପୁରୁମାନ୍କୁ ଭୋଗ୍ ଲଗାଯାଇଛେ । ଇତାକେ ସପ୍ତପୁରୀ ତାଡ଼ କୁହାଯାଏସି । ଗଲାକାଏଲ୍ ଅଠର୍ନଲା ମା ଆଲମଚଣ୍ଡୀଙ୍କର୍ ମନ୍ଦିର୍ନୁ ଶ୍ରୀମନ୍ଦିର୍କେ ସପ୍ତପୁରୀ ତାଡ଼ ବିଜେ ହେଇଥିଲା । ଆଏଜ୍ ଅବକାଶ ନୀତି ବଢ୍ବାର୍ ଉତ୍ରୁ ତିନ୍ହି ବାଡ଼ ନ ବେଶ ହେଇଥିଲା । ଆଏଜ୍ ମା ଦକ୍ଷିଣକାଳୀ ମହାପ୍ରଭୁଙ୍କର୍ ଲାଗି ୭ ପ୍ରକାରର୍ ପୁର୍ ଦିଆ ପିଠା ତିଆର୍ କରିଛନ୍ । ଇ ପିଠା ଖାସ୍

କରି ମାଟିର୍ ତାଡ଼ଥି ସକାଳ ଧୂପ ନୀତି ଉତ୍ରୁ ଲାଗି କରାଯିବାର୍ ବିଧି ରହିଛେ ।

ଲଙ୍କାପୋଡ଼ା ଲୋକପର୍ବ ସୁବର୍ଣ୍ଣପୁର୍ / ବୌଦ୍ଧ

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏଜ୍ ଲଙ୍କାପୋଡ଼ା ଲୋକପର୍ବ ପାଲିତ୍ ହେଉଛେ । ପାଖାପାଖି ୭/୮ ଶତାବ୍ଦୀ ନୁ ଜିଲ୍ଲା ନ ଭୁଦୋ ମାସର୍ ପୁରା ଉଆଁସ୍ ତିଥି ନ ପାଲିତ୍ ହଉଥିବା ଇ ତିହାର୍‌ଥି ସକାଲ୍‌ବେଲା ଗାଁ ଗହଲିର ଟୁକେଲ୍ ଛୁଆମାନେ କୁଡ଼୍‌କାଁଚି ଖେଲ୍‌ବାର୍ ପରମ୍ପରା ରହିଆସିଛେ । ଛୁଆମାନେ ଗଲିକନ୍ଦିମାନ୍‌କେ ବେଲ୍‌ବୁଡ଼ାକେ ଟେରାକୋଟାର୍ ଖେଲ୍‌ନା ହନୁମାନ୍‌ର ଲେଞ୍ଜେ ଜୁଏ ଲଗେଇକରି ଘିଚିକରି ଖେଲ୍‌ବାର୍ ପରାମ୍ପରା ରହିଛେ ।

ବୌଦ୍ଧ ଜିଲ୍ଲା ନ ଭିଲ୍ ଆଏଜ୍ ପାରମ୍ପରିକ୍ ତିହାର୍ ପୁରାଉଆଁସ୍ ଆର୍ ଲଙ୍କାପୋଡ଼ି ପାଲିତ୍ ହେଇଛେ । ଗାଁର୍ ଅଧିଷ୍ଠାତ୍ରୀ ଦେବାଦେବୀଙ୍କର୍ ପୀଠ ନ ଖାସ୍ ପୂଜା କରାଯିବାର୍ ଉତ୍ରୁ ଛୋଟ୍ ଛୋଟ୍ ଛୁଆମାନେ କାଠ୍ ଆର୍ ମାଏଟ୍‌ଥି ତିଆର୍ ହାତୀ, ଘୁଡ଼ା, ମାକଡ଼, ଷଣ୍ଢ଼କେ ଫୁଲ୍ ଆର୍ ସିନ୍ଦୁର୍‌ଥି ସଜେଇକରି

ଗାଁଖୁଲି ଖେଲିଛନ୍ । ବୌଦ୍ଧର୍ ଇଷ୍ଟଦେବୀ ମା ଭୈରବୀଙ୍କର୍ ପୀଠ ନ ଇ ଅବ୍ସରେ ପାରମ୍ପରିକ୍ ରୀତିନୀତି ସହେତେ ଖାସ୍ ପୂଜା କରାଯାଇଛେ ।

ଉନ୍ନୟନ୍ କମିଟି ବୈଠକ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ଲୁଇସିଂହା ବିଧାନ୍ସଭା ମଣ୍ଡଲୀର୍ ଉନ୍ନୟନ୍ କମିଟି ବୈଠକ୍ ଆଏଜ୍ ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଆଉ ଲୁଇସିଂହା ବିଧାୟକ୍ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ଥି ଲୁଇସିଂହାର୍ ଭିନ୍ ଭିନ୍ ପ୍ରକଳ୍ପ ଆଉ ବିକାଶ୍ କାମ୍ର ସମୀକ୍ଷା କରାଯାଇଛେ । ଇକୋ ଟୁରିଜମ୍, ପାନୀୟ ଜଳ ପ୍ରକଳ୍ପ କେନାଲ୍ କାମ୍ର ଭିଲ୍ ମନ୍ତ୍ରୀ ସମୀକ୍ଷା କରିଛନ୍ । ବୈଠକ୍ଥି ସବୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ଦକ୍ଷତା ବିକାଶ୍ ଆଉ ବୈଷୟିକ୍ ଶିକ୍ଷା ବିଭାଗ୍ ଆଉ କ୍ରୀଡ଼ା ଆଉ ଯୁବସେବା ବିଭାଗ୍‌ର କମିଶନର୍ ଭୂପିନ୍ଦର୍ ସିଂ ପୁନିଆଁ ବୌଦ୍ଧ ଜିଲ୍ଲା ଆସିକରି ଭିନ୍ ଭିନ୍ ବିକାଶ୍‌ମୂଲକ୍ ଯୋଜ୍‌ନାର୍ ସମୀକ୍ଷା କରିଛନ୍ । ଜିଲ୍ଲା ନ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜୀବିକା ଆଉ ମହିଳା ସଶକ୍ତିକରଣ୍ କ୍ଷେତ୍ରଥି ଚାଲିଥିବା ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସ୍ଥିତି ବାବ୍‌ଦେ ଭିଲ୍ ଶ୍ରୀ ପୁନିଆ ଅନୁଧାନ୍ କରିଛନ୍ ।

ଆଲୋଚନାଚକ୍ର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ସ୍ଥାନୀୟ ସର୍‌କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଜିଲ୍ଲାସ୍ତରୀୟ ବିଜ୍ଞାନ୍ ଆଲୋଚନାଚକ୍ର ହେଇଯାଇଛେ । ଭାରତ୍‌ର ଶକ୍ତିଭଣ୍ଡାର୍-୨୦୪୭, ସମ୍ଭାବନା ଆଉ ଆହ୍ୱାନ୍ ଶୀର୍ଷକ୍ ବିଷୟବସ୍ତୁ ଉପ୍‌ରେ ଛାତ୍ରଛାତ୍ରୀମାନେ ବକ୍ତୃତା ଦେଇଥିଲେ ।

ବର୍ଜ୍ୟ ପରିଚାଳନା ନିୟମ ଆର୍ଏନ୍ୟୁ/ କଟକ୍

ପରିବେଶ୍ ସୁରକ୍ଷା ଆଉ କଠିନ ବର୍ଜ୍ୟ ପରିଚାଳନାକେ ବର୍କସ୍ କର୍ବାର୍ ଲାଗି କେନ୍ଦ୍ର ସର୍କାର୍ କଠିନ ବର୍ଜ୍ୟ ପରିଚାଳନା ନିୟମ-୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍ ଅନ୍ସାରେ, ଘର୍, ବ୍ୟବସାୟିକ୍ ପ୍ରତିଷ୍ଠାନ୍ ଆଉ ଅଲ୍ଗା ଜାଗାମାନ୍କେ ବର୍ଜ୍ୟ ପରିଚାଳନାକେ ୪ ଟା ବର୍ଗ- ଉଦା, ଶୁଖା, ସାନିଟାରୀ ଆଉ ସ୍ୱତନ୍ତ୍ର ଯତ୍ନବର୍ଗଥି ଅଲ୍ଗା କର୍ବାର୍ ଲାଗି ବାଧ୍ୟତାମୂଲକ୍ କରାଯାଇଛେ । ବର୍ଜ୍ୟର୍ ଫେର୍ ବେଭାର୍, ପୁନଃଚକ୍ରଣ ଆଉ ପ୍ରକ୍ରିୟାକରଣ୍କେ ଜୋର୍ ଦେଇକରି ସର୍କୁଲାର୍ ଇକୋନୋମି ଓ ପଲ୍ୟୁଟର୍ ପେଜ୍ ପ୍ରିନ୍ସିପୁଲ୍କେ ଭିଲ୍ ସାମିଲ୍ କରାଯାଇଛେ । ନୂଆଁ ନିୟମ୍ଥି ବର୍ଜ୍ୟ ପରିଚାଳନା ପ୍ରକ୍ରିୟାର୍ ଅନ୍ଲାଇନ୍ ଟ୍ରାକିଂ ଆର୍ ନିରୀକ୍ଷଣ୍ ଆଉ ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି କ୍ଷତିପୂରଣ୍ ବ୍ୟବସ୍ଥା କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଆଏଜ୍ ଧୁକାଗର୍ଡ଼୍, ବିଜ୍ଲି ମାରିକରି ଅତି ଜବର୍ ବର୍ଷା ହେବା ବଲି ମାଲ୍କାନ୍ଗିରି, ନବରଙ୍ଗ୍ପୁର୍ ଆଉ କୋରାପୁଟ୍ ଜିଲ୍ଲାକେ ସତର୍କ ସୂଚ୍ନା ଜାରି କରାଯାଇଛେ । ଇତାର୍ ସହେତେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ଚଡ଼କ୍ ମାରିକରି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଗଲା ୨୪ ଘଂଟା ଭିତ୍ରେ କଲାହାଣ୍ଡି ଜିଲ୍ଲାର୍ ଗୋଲାମୁଣ୍ଡା ନ ସବୁନୁ ଜହ ଶହେ ୫୯ ମିଲିମିଟର୍ ବର୍ଷା ରେକର୍ଡ଼୍ କରାଯାଇଛେ ।